بسم اللہ الرحمٰن الرحیم

**ଖୁତ୍‌ବା ଜୁମା ୨୧ ମେ ୨୦୨୧ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

# ଆଁହଜରତ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବିଏବଂ ଦ୍ୱିତୀୟ୍ ଖଲିଫା ହ. ଉମର୍ ବିନ୍ ଖତ୍ତାବ୍ ର.ଅଙ୍କ ପ୍ରଶଂସନୀୟ୍ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

ପାଲେଷ୍ଟାଇନ୍‌ର ନିରୀହ ଜନତାଙ୍କ ପାଇଁ ଦୁଆ କରନ୍ତୁ ଅଲ୍ଲାଃତାଲା ପାଲେଷ୍ଟାଇନ୍ ଅଧିବାସୀଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ ଏବଂ ସେମାନଙ୍କୁ ପ୍ରକୃତ ସ୍ୱାଧୀନତା ପ୍ରାପ୍ତ ହେଉ । ଅଲ୍ଲାଃତାଲା ସେମାନଙ୍କୁ ଏଭଳି ନେତା ପ୍ରଦାନ କରନ୍ତୁ; ଯେଉଁ ନେତାମାନଙ୍କ ଠାରେ ବୁଦ୍ଧି ଏବଂ ବିବେକ ଥିବ, ବିଚାର ଶକ୍ତି ତଥା ସାମର୍ଥ୍ୟ ମଧ୍ୟ ରହିଥିବ, ଯିଏ ନିଜ କଥାକୁ ଭଲା ଭାବରେ କହିପାରୁଥିବ ତଥା ରଖି ପାରୁଥିବ ଓ ନିଜର କର୍ତ୍ତବ୍ୟକୁ ସଠିକ୍ ଭାବରେ ନିର୍ବାହ କରିପାରୁଥିବ ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜ଼ିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ୱାଲ୍‌ଲିନ୍ ।**

ତଶହ୍ହୁଦ୍, ତଊଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ: ହ. ଉମର୍ ର.ଅଙ୍କ ଚର୍ଚ୍ଚା ଅବ୍ୟାହତ ଥିଲା, ହ. ଉମର୍ ର.ଅ ବଦର ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ଓ ସରିୟା (ଯେଉଁ ଯୁଦ୍ଧରେ ହଜୁର ସ.ଅ ଅଂଶଗ୍ରହଣ କରି ନଥିଲେ)ରେ ସାମିଲ ଥିଲେ । ହ. ଉମର୍, ହ. ଅବ୍‌ଦୁର ରହମାନ ବିନ୍ ଔଫ୍ ଓ ହ. ଅବୁ ବକ୍କର ର.ଅଙ୍କ ଓଟ ଉପରେ ପାଳି କରି ଆରୋହଣ ହେଉଥିଲେ । ବଦର୍ ଯୁଦ୍ଧ ଅବସରରେ ରସୁଲୁଲ୍ଲାଃ ସ.ଅଙ୍କୁ କୁରୈଶର ବାଣିଜ୍ୟିକ ପ୍ରତିନିଧିମଣ୍ଡଳର ପଥ ଅବରୋଧ ପାଇଁ ଯେତେବେଳେ ସୂଚନା ମିଳିଲା ସେତେବେଳେ କୁରୈଶର ଏକ ଦ୍ରୁତଗାମୀ ସୈନ୍ୟଦଳ ସେହି ବାଣିଜ୍ୟିକ ପ୍ରତିନିଧିମଣ୍ଡଳକୁ ରକ୍ଷା କରିବା ପାଇଁ ବାହାରି ପଡ଼ିଲେ । ଯେତେବେଳେ ଆଁହଜ଼ରତ ସ.ଅ ସାହାବାମାନଙ୍କୁ ଏହି ସୂଚନା ପ୍ରଦାନ କଲେ ଏବଂ ସାହାବାମାନାଙ୍କ ଠାରୁ ପରାମର୍ଶ ଲୋଡ଼ିଲେ, ସେତେବେଳେ ଏକ ଗୋଷ୍ଠୀକୁ ଛାଡ଼ିବା ପାଇଁ ଏବଂ ବାଣିଜ୍ୟିକ ପ୍ରତିନିଧିମଣ୍ଡଳର ଅଭିଳାଷା (ତାକୁ ପ୍ରାପ୍ତ କରି) କରିବା ପାଇଁ ସତ୍ୟାବସ୍ଥାରେ ରାୟ ଦେଇଥିଲେ । ଏହି ପରାମର୍ଶକୁ ଶୁଣି ହଜୁର ସ.ଅଙ୍କ ମୁଖମଣ୍ଡଳର ରଙ୍ଗ ପରିବର୍ତ୍ତିତ ହୋଇଗଲା । ଏଭଳି ପରିସ୍ଥିତିରେ ହ. ଅବୁ ବକ୍କର, ହ. ଉମର, ହ. ମିକ୍‌ଦାଦ୍ ର.ଅ ଅତ୍ୟନ୍ତ ପ୍ରଭାବପୂର୍ଣ୍ଣ ଭାଷଣ ଦେଇଥିଲେ ଏବଂ ପ୍ରତ୍ୟେକ ପରିସ୍ଥିତିରେ ଆଁହଜ଼ରତ ସ.ଅଙ୍କୁ ସାହାଯ୍ୟ କରିବା ପାଇଁ ଆଶ୍ୱାସନା ଦେଇଥିଲେ ।

ହ. ଉମର୍ ର.ଅଙ୍କ ସୁପୁତ୍ରୀ ହ. ହଫ୍‌ସା ର.ଅଙ୍କ ସ୍ୱାମୀ ବଦର୍ ଯୁଦ୍ଧରେ ସାମିଲ ହେଲେ ଏବଂ ବଦର୍ ଯୁଦ୍ଧ ପରେ ଅସୁସ୍ଥ ହୋଇ ମୃତ୍ୟୁବରଣ କରିଥିଲେ । ହ. ହଫ୍‌ସା ର.ଅଙ୍କ ବୟସ ସେତେବେଳେ ୨୦ ବର୍ଷରୁ ତଦୁର୍ଦ୍ଧ୍ୱ ଥିଲା । ଅତଏବ ହ. ଉମର୍ ର.ଅ ହ. ଉସ୍‌ମାନ୍ ଓ ପୁନଶ୍ଚ ହ. ଅବୁ ବକ୍କର୍ ର.ଅଙ୍କ ସହିତ ହ. ହଫ୍‌ସା ର.ଅଙ୍କ ନିକାହ୍ କରିବା ପ୍ରସଙ୍ଗରେ କଥାବାର୍ତ୍ତା କଲେ । ଉକ୍ତ ପ୍ରସଙ୍ଗରେ ଯେତେବେଳେ ଉଭୟଙ୍କ ପଟୁ ମୌନତା ଏବଂ ଯଥୋଚିତ ଉତ୍ତର ନମିଳିଲା ସେତେବେଳେ ହ. ଉମର୍ ର.ଅ ଅତ୍ୟନ୍ତ ଅନୁତପ୍ତ ହୋଇଥିଲେ । ଆପଣ ର.ଅ ହଜୁର ସ.ଅଙ୍କ ସେବାରେ ଉପସ୍ଥିତ ହେଲେ, ଆଁହଜରତ ସ.ଅ ତାଙ୍କୁ କହିଲେ ଯେ, ଚିନ୍ତା କର ନାହିଁ ଅଲ୍ଲାଃତାଲାଙ୍କ ନିକଟରେ ଯଦି ଏହି ନିକାହ୍ ଗ୍ରହଣୀୟ ହୁଏ ତାହାହେଲେ ହଫ୍‌ସା ର.ଅଙ୍କୁ ଉସ୍‌ମାନ୍ ଓ ହ. ଅବୁ ବକ୍କର୍ ର.ଅଙ୍କ ଏବଂ ଉସ୍‌ମାନ୍ ର.ଅଙ୍କ ଠାରୁ ଭଲ (ଉତ୍ତମ) ବର ମିଳିବ। ସୁତରାଂ ଆଁହଜରତ ଯେତେବେଳେ ସ୍ୱୟଂ ନିଜ ପକ୍ଷରୁ ହ. ହଫ୍‌ସା ପାଇଁ ବାର୍ତ୍ତା ପ୍ରେରଣ କଲେ ସେତେବେଳେ ହ. ଉମର୍ ର.ଅ ଅତ୍ୟନ୍ତ ଆନନ୍ଦର ସହକାରେ ଉକ୍ତ ସଂପର୍କକୁ ଗ୍ରହଣ କଲେ ଏବଂ ଶାବାନ୍ ମାସ ୩ ହିଜରୀରେ ହ. ହଫ୍‌ସା ର.ଅଙ୍କ ଆଁହଜରତ ସ.ଅଙ୍କ ନିକାହ୍‌ରେ ଆସି ହରମେ ନବଓ୍ୱୀ ଅର୍ଥାତ ଆଁହଜରତ ସ.ଅଙ୍କ ପତ୍ନୀ ହେବାର ସୌଭାଗ୍ୟ ଲାଭ କରିଥିଲେ ।

ଓହୋଦ୍ ଯୁଦ୍ଧ ଅବସରରେ ଯେତେବେଳେ କୁରେଶ୍ ପ୍ରାୟ ଚତୁଃପାର୍ଶ୍ୱରୁ ତୀବ୍ରତର ହୋଇ ତଥା ଘୋର ଆକ୍ରମଣ କଲା ଓ ମୁସଲମାନମାନଙ୍କର ଧ୍ୱଜାଧାରୀ ହ. ମୁସ୍ଅବ୍ ବିନ ଉମୈର୍ ର.ଅ ବୀରଗତି ପ୍ରାପ୍ତ କଲେ । ଯଦିଓ ସେତେବେଳେ ତାଙ୍କର ଶାରୀରିକ ଗଠନ ଆଁହଜ଼ରତ ସ.ଅଙ୍କ ସହିତ ମିଶୁଥିଲା । କିନ୍ତୁ ଅବିଶ୍ୱାସକାରୀମାନେ ଏହି ଗୁଜବ ଓ ଅପପ୍ରାଚାର କଲେ ଯେ, **ନାଉଜୁବିଲ୍ଲାଃ** ଆଁହଜରତ ସ.ଅ ଶହିଦ୍ ହୋଇଯାଇଛନ୍ତି । ମୁସଲମାନମାନଙ୍କର ଅବଶିଷ୍ଟ ସୈନ୍ୟଦଳ ଉକ୍ତ ସମ୍ବାଦକୁ ଶୁଣିବା ମାତ୍ରେ ସେମାନଙ୍କର ଚେତା ହଜିଯାଇଥିଲା ଏବଂ ସେମାନଙ୍କର ଏକତା ସଂପୂର୍ଣ୍ଣ ରୂପେ ଅବ୍ୟବସ୍ଥିତ ହୋଇଗଲା । ହ. ମିର୍ଜା ବଶୀର୍ ଅହେମଦ ସାହେବ କହନ୍ତି ଯେ, ମୁସଲମାନମାନେ ସେତେବେଳେ ତିନି ଭାଗରେ ବିଭକ୍ତ ହୋଇଥିଲେ । ଗୋଟିଏ ଗୋଷ୍ଠୀ ଆଁହଜ଼ରତ ସ.ଅଙ୍କ ଶାହାଦତ୍ ସମ୍ବାଦ ଶୁଣି ପଳାୟନ କରିଥଲା। କିନ୍ତୁ ଏହି ଗୋଷ୍ଠୀର ସଂଖ୍ୟା କମ ଥିଲା । ଦ୍ୱିତୀୟ ଗୋଷ୍ଠୀ ଉକ୍ତ ଖବର ଶୁଣି ଧୈର୍ଯ୍ୟହରା ଓ ସାହାସ ହରାଇ ଅନ୍ୟତ୍ର  ଯାଇ ବସିପଡ଼ିଲା ଏବଂ ବର୍ତ୍ତମାନ ଲଢିବାକୁ ନିରର୍ଥକ ବୋଲି ଭାବୁଥିଲେ । ତୃତୀୟ ଗୋଷ୍ଠୀଟି ଅହରହ ଭାବରେ ଯୁଦ୍ଧ ଲଢୁଥିଲା । ଅତଏବ ମୁସଲମାନମାନଙ୍କ ପାଇଁ ଏହା ଅତ୍ୟନ୍ତ ଭୀଷଣ ପରୀକ୍ଷା ଏବଂ ସନ୍ଧିକ୍ଷଣର ମୁହୂର୍ତ୍ତ ଥିଲା । ତେଣୁ ହ. ଉମର୍ ର.ଅ ମଧ୍ୟ ସେହି ଲୋକମାନଙ୍କ ମଧ୍ୟରୁ ଜଣେ ଥିଲେ ଯିଏ ହତୋତ୍ସାହିତ ତଥା ନିରାଶ ହୋଇ ଗୋଟିଏ ପାର୍ଶ୍ୱରେ ଯାଇ ବସି ପଡିଲେ । ଯେତେବେଳେ ଏହି ଗୋଷ୍ଠୀଙ୍କୁ ଆଁହଜ଼ରତ ସ.ଅଙ୍କ ଜୀବିତ ହେବାର ସୂଚନା ପ୍ରାପ୍ତ ହେଲା ସେତେବେଳେ ସେମାନେ ପାଗଳଙ୍କ ପରି ଲଢୁଥଲେ ଏବଂ ଆପଣ ସ.ଅଙ୍କ ଆଖ ପାଖରେ ଏକତ୍ରିତ ହୋଇ ଚାଲିଥିଲେ । ଆଁହଜରତ ସ.ଅ ଯେତେବେଳେ ନିଜର କେତେକ ସାହାବାମାନଙ୍କ ସହିତ ପାହାଡ଼ର ଘାଟି ଉପରେ ପହଞ୍ଚିଲେ ସେତେବେଳେ ଅବିଶ୍ୱାସକାରୀଙ୍କ ଗୋଟିଏ ଗୋଷ୍ଠୀ ଘାଟି ଉପରେ ଆକ୍ରମଣ କରିଦେଲା । ହଜୁର ସ.ଅ ସେତେବେଳେ ଏହି ଦୁଆ କଲେ ଯେ,  ହେ ପ୍ରଭୁ ! ଏହି ଅବିଶ୍ୱାକାରୀମାନେ ଆମ ପର୍ଯ୍ୟନ୍ତ ପହଞ୍ଚି ନପାରନ୍ତୁ । ପ୍ରତ୍ୟୁତ୍ତରରେ ହ. ଉମର୍ ର.ଅ କେତେକ ପ୍ରବାସକାରୀଙ୍କ ସହିତ ସେହି ଅବିଶ୍ୱାସକାରୀଙ୍କର ମୁକାବିଲା କରିଥିଲେ ଏବଂ ମାରି ମାରି ସେମାନଙ୍କୁ ପଳାୟନ କରିବାକୁ ବାଧ କରିଦେଇଥିଲେ ।

ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ଉଲ୍ଲେଖ କରନ୍ତି ଯେ, ଅବୁ ସୁଫିୟାନ ନିଜର କେତେକ ସାଥିଙ୍କ ସହିତ ସେହି ଫାଟକ (ଦର୍ରା) ଆଡ଼କୁ ଅଗ୍ରସର ହେଲା ଯେଉଁଠି ମୁସଲମାନମାନେ ଏକତ୍ରିତ ହୋଇଥିଲେ । ଅବୁ ସୁଫିୟାନ୍ ସେମାନଙ୍କୁ ଡ଼ାକି କହିଲା କ'ଣ ତୁମ ମଧ୍ୟରେ ମୁହମ୍ମଦ ସ.ଅ ଜୀବିତ ଅଛନ୍ତି ? ଆଁହଜ଼ରତ ସ.ଅ ନିଜ ସାହାବାମାନଙ୍କୁ କହିଲେ କେହି ଉତ୍ତର ଦିଅନ୍ତୁ ନାହିଁ । ଅତଏବ ସମସ୍ତ ସାହାବାମାନେ ନୀରବ ରହିଲେ । ପୁନଶ୍ଚ ଅବୁ ସୁଫିୟାନ ହ. ଅବୁ ବକ୍କର ର.ଅ ଓ ହ. ଉମର୍ ର.ଅଙ୍କ ସମ୍ବନ୍ଧରେ ପଚାରିଲା ଯେ, କ'ଣ ତୁମ ମଧ୍ୟରେ ହ. ଅବୁ ବକ୍କର ଓ ହ. ଉମର୍ ର.ଅ ଜୀବିତ ଅଛନ୍ତି  ? ଏହି କଥାକୁ ଶୁଣି ଆଁହଜ଼ରତ ସ.ଅଙ୍କ ନିର୍ଦ୍ଦେଶକ୍ରମେ ସାହାବାମାନେ କୌଣସି ଉତ୍ତର ଦେଲେ ନାହିଁ । ଫଳତଃ ଅବୁ ସୁଫିୟାନ୍ ଉଚ୍ଚ ସ୍ୱରରେ ଏବଂ ଅହଙ୍କାରପୂର୍ଣ୍ଣ ଢଙ୍ଗରେ କହିଲା ଯେ, ଏହି ସମସ୍ତ ଲୋକେ ନିହତ ହୋଇଛନ୍ତି। କାରଣ ଯଦି ଏମାନେ ଜୀବିତ ଥାଆନ୍ତେ ତାହାହେଲେ ସେମାନେ ଅବଶ୍ୟ ଉତ୍ତର ଦେଇ ଥାଆନ୍ତେ । ହ. ଉମର୍ ର.ଅ ସେତେବେଳେ ଆଉ ଧୈର୍ଯ୍ୟରକ୍ଷା କରି ନପାରି ସହସା କହି ପକାଇଲେ ଯେ, ହେ ଅଲ୍ଲାଃତାଲାଙ୍କ ଶତ୍ରୁ !  ତୁ ମିଥ୍ୟା କଥା କହୁଛୁ, ଆମେ ସମସ୍ତେ ଜୀବିତ ଅଛୁ ଏବଂ ପ୍ରଭୁ ଆମରି ହସ୍ତ ଦ୍ୱାରା ତୁମକୁ ତିରସ୍କୃତ କରିବେ । ଅବୁ ସୁଫିୟାନ୍ ହ. ଉମର୍ ର.ଅଙ୍କ ସ୍ୱରକୁ ଚହ୍ନି କହିଲା ଯେ, ଉମର୍ ! ସତ କୁହ କ'ଣ ମୁହମ୍ମଦ ସ.ଅ ଜୀବିତ ଅଛନ୍ତି ? ହ. ଉମର ର.ଅ କହିଲେ ହଁ ହଁ ଈଶ୍ୱରଙ୍କ ଦୟାରୁ ସେ ଜୀବିତ ଅଛନ୍ତି ଏବଂ ତୁମର ଏହି କଥାକୁ ଶୁଣୁଛନ୍ତି । ଅବୁ ସୁଫିୟାନ୍ କୌଣସି ପ୍ରକାର ଧୀର ସ୍ୱରରେ କହିଲା ଯେ, ଆରେ ! ତାହାହେଲେ କମ୍ଆର ପୁତ୍ର ମୋତେ ମିଛ କଥା କହିଛି । କାରଣ ମୁଁ ତା ଅପେକ୍ଷା ତୁମକୁ ଅଧିକ ସତ୍ୟବାଦୀ ବୋଲି ମନେ କରୁଛି । ଏହାପରେ ଅବୁ ସୁଫିୟାନ ଉଚ୍ଚ ସ୍ୱରରେ ଡ଼ାକ ମାରି କହିଲା: *ଉଲୁଲ୍ ହୁବୁଲ୍ ଅର୍ଥାତ ହେ ହୁବୁଲ୍ ଠାକୁର ତୁମର ମର୍ଯ୍ୟାଦା ତଥା ଗାରିମା ଉଚ୍ଚ ହେଉ* । ସାହାବାମାନେ ଆଁହଜରତ ସ.ଅଙ୍କ କଥନ ଅନୁଯାୟୀ ନୀରବ ରହିଥିଲେ । କିନ୍ତୁ ଆଁହଜ଼ରତ ସ.ଅ ଯିଏ ନିଜ ନାଁ ଡ଼ାକିବାବେଳେ ସାହାବାମାନଙ୍କୁ ନୀରବ ରହିବା ପାଇଁ କହିଥିଲେ ଏବଂ ସାହାବାମାନଙ୍କୁ କହୁଥିଲେ ଯେ, ଅବୁ ସୁଫିୟାନ କଥାର କେହି ଉତ୍ତର ଦିଅ ନାହିଁ । କିନ୍ତୁ ବର୍ତ୍ତମାନ ଅଲ୍ଲାଃତାଲାଙ୍କ ବିପକ୍ଷରେ ଠାକୁର ବା ପିତୁଳାର ନାମ ନେବାରୁ ଆଁହଜ଼ରତ ସ.ଅ ବ୍ୟସ୍ତ ହୋଇପଡ଼ିଲେ ଏବଂ ନିଜ ସାହାବାମାନଙ୍କୁ କହିଲେ ଯେ, ତୁମେମାନେ ଉତ୍ତର କାହିଁକି ଦେଉ ନାହଁ ? ପ୍ରତ୍ୟୁତ୍ତରରେ ସାହାବାମାନେ କହିଲେ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେ ସେମାନହଙ୍କୁ କି ଉତ୍ତର ଦେବୁ ? ଆଁହଜ଼ରତ ସ.ଅ କହିଲେ ତୁମେ **ଅଲ୍ଲାଃହୁ ଆଲା ଓ ଅଜଲ୍ କୁହ** । ଅର୍ଥାତ ଶୀର୍ଷତା ଏବଂ ସମ୍ମାନତା କେବଳ ଅଲ୍ଲାଃତାଲାଙ୍କୁ

ହିଁ ପ୍ରାପ୍ତ । ଅବୁ ସୁଫିୟାନ୍ କହିଲା **ଲନା ଅଲ୍‌ଉଜ୍ଜା ୱଲା ଉଜ୍ଜା ଲକୁମ୍ ।** ଅର୍ଥାତ ଆମ ସହିତ ଉଜ୍ଜା ଠାକୁର ଅଛନ୍ତି ଏବଂ ତୁମ ସହିତ ଉଜ୍ଜା ଠାକୁର ନାହାନ୍ତି । ଆଁହଜରତ ସ.ଅ ନିଜ ସାହାବାମାନଙ୍କୁ କହିଲେ ତୁମେମାନେ କୁହ ଯେ, **ଅଲ୍ଲାଃହୁ ମୌଲାନା ୱଲା ମୌଲା ଲକୁମ ।** ଅର୍ଥାତ ଉଜ୍ଜାର କ'ଣ ସତ୍ତା ରହିଛି ? ଆମମାନଙ୍କ ସହିତ ତ' ଆମର ସହାୟକ ଅଲ୍ଲାଃତାଲା ଅଛନ୍ତି ଏବଂ ତୁମ ସହିତ କୌଣସି ସହାୟକକର୍ତ୍ତା ନାହାନ୍ତି ।

ହଜୁର ସ.ଅ ୱହୋଦ୍ ଯୁଦ୍ଧ ପରେ ଯେତେବେଳେ ମଦିନାରେ ପହଞ୍ଚିଲେ ସେତେବେଳେ କପଟବିଶ୍ୱାସୀ ଏବଂ ଇହୁଦୀମାନେ ଆନନ୍ଦ ଓ ଉଲ୍ଲାସ ପାଳନ କରିବାକୁ ଲାଗିଲେ ଏବଂ ମୁସଲମାନମାନଙ୍କୁ ଖରାପ ଓ ନିନ୍ଦା କରିବାକୁ ଲାଗିଲେ । ସେମାନେ କହିବାକୁ ଲାଗିଲେ ଯେ, ମୁହମ୍ମଦ ସ.ଅ ଶାସକ ହେବାକୁ ଇଛୁକ ଅଟନ୍ତି ଏବଂ ଆଜି ପର୍ଯ୍ୟନ୍ତ କୌଣସି ନବୀ ଏତେ କ୍ଷତି ସହିବା ପରେ ଶାସକ ହେବାକୁ ଇଚ୍ଛା ପ୍ରକାଶ କରି ନାହାନ୍ତି । ସେ (ଅର୍ଥାତ ହ. ମୁହମ୍ମଦ୍ ସ.ଅ) ସ୍ୱୟଂ ଆହତ ମଧ୍ୟ ହୋଇଛନ୍ତି ଓ ତାଙ୍କର ସହାବାମାନେ ମଧ୍ୟ ଆହତ ହୋଇଛନ୍ତି । ସେହି କପଟବିଶ୍ୱାସୀମାନେ କହୁଥିଲେ ଯେ, ଯଦି ତୁମର ସେହି ଲୋକାମାନେ ଯେଉଁମାନେ ନିହତ ହୋଇଛନ୍ତି, ସେମାନେ ଯଦି ଆମ ସହିତ ରହି ଥାଆନ୍ତେ ତାହାହେଲେ କଦାପି ନିହତ ହୋଇ ନଥାଆନ୍ତେ । ହ. ଉମର ର.ଅ ରସୁଲୁଲ୍ଲାଃ ସ.ଅଙ୍କ ଠାରୁ ସେହି କପଟ ବିଶ୍ୱାସୀ ବ୍ୟକ୍ତିଙ୍କ ବଧ ନିମନ୍ତେ ଅନୁମତି ଲୋଡ଼ିଲେ । କିନ୍ତୁ ଆଁହଜରତ ସ.ଅ ହ. ଉମର ର.ଅଙ୍କୁ କହିଲେ ଯଦି ସେମାନେ (ଅର୍ଥାତ କପଟବିଶ୍ୱାସୀମାନେ) କଲ୍‌ମା ଶାହାଦତ୍‌ର ପରିପ୍ରାକାଶ କରନ୍ତି ତାହାହେଲେ ସେମାନଙ୍କୁ ବଧ କରିବା ମୋ ପକ୍ଷେ ଉଚିତ ହେବ ନାହିଁ ।

ହ. ଉମର୍ ର.ଅଙ୍କ ସଂପର୍କିତ ଅବଶିଷ୍ଟାଂଶ **ଇନ୍‌ଶାଅଲ୍ଲାଃ** ଆଗାମୀ ଖୁତ୍‌ବାରେ ମଧ୍ୟ ଆଲୋଚନା ହେବ । କିନ୍ତୁ ମୁଁ ଏଠାରେ କେତେକ ମୃତକମାନଙ୍କର ଚର୍ଚ୍ଚା କରିବି । ତେଣୁ ହ. ଉମର୍ ର.ଅଙ୍କ ଚର୍ଚ୍ଚା ଆଜି ପାଇଁ ଏତିକି । କିନ୍ତୁ ଏହା ପୂର୍ବରୁ ମୁଁ ଦୁଆ ପାଇଁ ମଧ୍ୟ କହି ଦେବାକୁ ଚାହୁଁଛି ଯେ, ଗତ ସପ୍ତାହରେ ମଧ୍ୟ ମୁଁ ଦୁଆ ପାଇଁ ଆପଣମାନଙ୍କୁ ଆହ୍ୱାନ ଜଣେଇଥିଲି ଯେ, ପାଲେଷ୍ଟାଇନ୍‌ର ନିରୀହ ଜନତାଙ୍କ ପାଇଁ ଦୁଆ କରନ୍ତୁ । କାରଣ ସେଠାରେ ଯୁଦ୍ଧ ଭଳି ପରିସ୍ଥିତି ଦେଖା ଦେଇଛି । କିନ୍ତୁ ଇତିହାସ ଆମକୁ ଏହା ସୂଚାଏ ଯେ, କିଛି ଅବଧି ପରେ ଯେକୌଣସି ଉପାୟରେ ଆଳ କରି ଶତ୍ରୁ ପକ୍ଷ ବର୍ବରତା ପ୍ରଦର୍ଶନ କରୁଛି । ଯଦ୍ୱାରା ପାଲେଷ୍ଟାଇନ୍‌ର ସାଧାରଣ ଜନତାଙ୍କୁ ନିର୍ଯାତନାର ଶିକାର ହେବାକୁ ପଡୁଛି ଏବଂ କୌଣସି ନା କୌଣସି କଥା ଯୁଦ୍ଧର କାରଣ ସାଜୁଛି । ପାଲେଷ୍ଟାଇନ୍‌ର ନିରୀହ ଜନାତାଙ୍କ ପାଇଁ ଦୁଆ କରନ୍ତୁ ଅଲ୍ଲାଃତାଲା ପାଲେଷ୍ଟାଇନ୍ ଅଧିବାସୀଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ ଏବଂ ସେମାନଙ୍କୁ ପ୍ରକୃତ ସ୍ୱାଧୀନତା ପ୍ରାପ୍ତ ହେଉ । ଅଲ୍ଲାଃତାଲା ସେମାନଙ୍କୁ ଏଭଳି ନେତା ପ୍ରଦାନ କରନ୍ତୁ; ଯେଉଁ ନେତାମାନଙ୍କ ଠାରେ ବୁଦ୍ଧି ଏବଂ ବିବେକ ଥିବ, ବିଚାରଶକ୍ତି ତଥା ସାମର୍ଥ୍ୟ ମଧ୍ୟ ରହିଥିବ, ଯିଏ ନିଜ କଥାକୁ ଭଲ ଭାବରେ କହିପାରୁଥିବ ତଥା ରଖି ପାରୁଥିବ ଓ ନିଜର କର୍ତ୍ତବ୍ୟକୁ ସଠିକ୍ ଭାବରେ ନିର୍ବାହ କରିପାରୁଥିବ । ସେହିପରି ଅହେମଦିମାନଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ ଯେଉଁମାନେ ନିର୍ଯାତନାର ଶିକାର ହେଉଛନ୍ତି । ବିଶେଷ କରି ପାକିସ୍ତାନରେ ବସବାସ କରୁଥିବା ଅହେମଦିମାନଙ୍କୁ ଅଲ୍ଲାଃତାଲା ନିଜର ସୁରକ୍ଷା ବଳୟରେ ରଖନ୍ତୁ । ଆମିନ୍ ।

ଯନାଜାଃରେ ଆଜି ସର୍ବ ପ୍ରଥମେ ଯାହାଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି କୁରୈଶୀ ଫଜ୍‌ଲୁଲ୍ଲାଃ ସାହେବ ନାଏବ୍ ନାଜିର ନଶ୍‌ରୋ ଇଶାଅତ୍ କାଦିୟାନ୍‌ଙ୍କର । ସେ ଗତ ଏପ୍ରିଲ ମାସ ୨୭ ତାରିଖ ଦିନ ମୃତ୍ୟୁବରଣ କରିଥିଲେ । **ଇନ୍ନା ଲିଲ୍ଲାଃହି ୱଇନ୍ନା ଇଲୈହି ରାଜିଉନ୍ ।** ତାଙ୍କ ପିତାଙ୍କ ଦଦା ଓ ପିତାଙ୍କ ନନା ହ. ମୁନ୍‌ଶୀ ମେହେର ଦୀନ୍ ସାହେବ ର.ଅ ହ. ମସିହ ମଉଦ ଅ.ସଙ୍କ ସାହାବି ଥିଲେ । ଯାହାଙ୍କ ମାଧ୍ୟମରେ ତାଙ୍କ ବଂଶରେ ଅହେମଦିୟତ୍ ଆସିଥିଲା ଏବଂ ତାଙ୍କ ନାମ ମିନାରତୁଲ୍ ମସିହର ଚାନ୍ଦା ପୈଠକାରୀଙ୍କ ମଧ୍ୟରେ ଉଲ୍ଲିଖିତ ଅଛି । ଜାମିୟା ଅହେମଦିୟାରୁ ଶିକ୍ଷା ସମାପ୍ତି ପରେ ଫଜ୍‌ଲୁଲ୍ଲାଃ କୁରୈଶୀ ସାହେବ ଦୀର୍ଘ ୨୩ ବର୍ଷ ୫ ମାସ ଜାମିୟା ଅହେମଦିୟା କାଦିୟାନ୍‌ରେ ଶିକ୍ଷକତା କରିଥିଲେ ଏବଂ ପବିତ୍ର କୁରଆନ କରୀମ୍, ଉର୍ଦ୍ଦୁ, ବ୍ୟାକରଣ, ଆରବୀ ସାହିତ୍ୟ ଆଦି ପ୍ରବନ୍ଧ ପଢାଇଥିଲେ । ଅତଏବ ସ୍ୱର୍ଗତଙ୍କର ମୋଟ ସେବାର ଅବଧି ୩୭ ବର୍ଷ ୭ ମାସ ଅଟେ । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତ କୁରୈଶୀ ସାହେବ ୱସିୟତ୍ କରିଥିଲେ । ମୃତକଙ୍କ ପରିଜନଙ୍କ ମଧ୍ୟରେ ପତ୍ନୀ, ଏକମାତ୍ର ପୁତ୍ର ଏବଂ ଦୁଇ ଜଣ ପୁତ୍ରୀ ରହିଛନ୍ତି । ତାଙ୍କ ସଂପର୍କରେ ନାଜିର ସାହେବ ନଶ୍‌ରୋ ଇଶାଅତ୍ କହନ୍ତି ଯେ, ସ୍ୱର୍ଗତ କୁରୈଶୀ ସାହେବ ଯେତେବେଳେ ଜାମିୟାରେ ଶିକ୍ଷକ ଥିଲେ ସେତେବେଳେ ସେ ଛାତ୍ରମାନଙ୍କ ପ୍ରତି ସ୍ନେହ ଏବଂ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରୁଥିଲେ । ଅତ୍ୟନ୍ତ ବିଶ୍ୱସ୍ତତାର ସହିତ ଉତ୍ସର୍ଗର ମନୋଭାବ ରଖି ସର୍ବଦା ନିଜର କର୍ତ୍ତବ୍ୟ ସମ୍ପାଦନ କରିଥିଲେ । ସେ ଜଣେ ସମୟାନୁବର୍ତ୍ତି ଓ କର୍ମଠ ବ୍ୟକ୍ତି ଥିଲେ ଏବଂ ନିଜ ଛାତ୍ରମାନଙ୍କୁ ମଧ୍ୟ ସମୟାନୁବର୍ତ୍ତି ହେବା

ପାଇଁ ଅଭ୍ୟାସ କରିବାକୁ କହୁଥିଲେ । ଭାରତରେ ଅନେକ ମୁବଲ୍ଲିଗିନ୍ ସ୍ୱର୍ଗତଙ୍କର ଛାତ୍ର ଅଟନ୍ତି ଏବଂ ସ୍ୱର୍ଗତଙ୍କ ଠାରୁ ଉପକୃତ ହୋଇଛନ୍ତି, ସ୍ୱର୍ଗତଙ୍କ ସ୍ୱଭାବ ଅତ୍ୟନ୍ତ ସରଳ ଥିଲା । ସେ ସଂକ୍ଷିପ୍ତ ଭାଷା ପ୍ରୟୋଗ କରୁଥିଲେ ଏବଂ ଅଧିକ କଥା କହୁ ନଥିଲେ । କିନ୍ତୁ ତାଙ୍କର ବାକ୍ୟ ଅତ୍ୟନ୍ତ ଜ୍ଞାନଗର୍ଭକ ଏବଂ ଦୃଢୋକ୍ତି ପୂର୍ଣ୍ଣ ହେଉଥିଲା । ତାଙ୍କୁ ଖୁଦାମୁଲ୍ ଅହେମଦିୟା ଭାରତର ଉପସଭାପତି ରୂପେ ମଧ୍ୟ ସେବା କରିବାକୁ ସୁଯୋଗ ପ୍ରାପ୍ତ ହୋଇଥିଲା । ଦୀର୍ଘ ୩୪ ବର୍ଷ ପର୍ଯ୍ୟନ୍ତ **ବଦର୍** ନାମକ ସମ୍ବାଦପତ୍ରର ସମ୍ପାଦକ ଭାବରେ ମଧ୍ୟ ସେବା କରିବାକୁ ସୌଭାଗ୍ୟ ଅର୍ଜନ କରିଥିଲେ । ସେହିପରି ସେ **ମିଶ୍‌କାତ୍** ନାମକ ପତ୍ରିକାର ମଧ୍ୟ ସମ୍ପାଦକ ଥିଲେ । ସେ **'ତାରିଖେ ଅହେମଦିୟତ୍' (ଅହେମଦିୟତ୍‌ର ଇତିହାସ**) କମିଟିର ସଦସ୍ୟ ଥିଲେ । ଭାତରତରେ ସଂକଳିତ ଓ ପ୍ରକାଶିତ '**ରୁହାନୀ ଖଜାଏନ**' (ଆଧାତ୍ମିକ ନିଧି) ନୂତନ କମ୍ପ୍ୟୁଟରୀକରଣ ସଂସ୍କରଣରେ ମଧ୍ୟ ସେ ପ୍ରୁଫ୍ ରିଡ଼ିଂ କରି ତ୍ରୁଟି ବାହାର କରିଥିଲେ ଏବଂ ଏତଦ୍‌ପରେ ତାଙ୍କ କହିବାନୁସାରେ ଏହାର ତ୍ରୁଟି ସଂଶୋଧନ ମଧ୍ୟ କରାଇଥିଲେ । ସେ ଅତ୍ୟନ୍ତ ସୂକ୍ଷ୍ମଦର୍ଶିତାର ସହିତ ପ୍ରତ୍ୟେକ ବସ୍ତୁକୁ ଔଚକ୍ୟ ନିରୀକ୍ଷଣ ଓ ଅନୁଧ୍ୟାନ କରିବା ସଙ୍ଗେସଙ୍ଗେ ତ୍ରୁଟି ସଂଶୋଧନ କରୁଥିଲେ । ହ. ମସିହ ମଉଦ ଅ.ସଙ୍କ କେତେକ ପୁସ୍ତକ ଯାହାକି ପୃଥକ ପୃଥକ ଭାବରେ ପ୍ରକାଶିତ ହୋଇଅଛି ସେଗୁଡ଼ିକର ସଂପୂର୍ଣ୍ଣ ପ୍ରୁଫ୍ ରିଡ଼ିଂ କରିଥିଲେ । ବିଶେଷ କରି **ବରାହିନେ ଅହମଦିୟା** ଏବଂ **ଆର୍ଯ୍ୟ ଧର୍ମ** ଓ **ସତ୍‌ବଚନ** ଆଦି ପୁସ୍ତକର ଓ ହ. ମସିହ ମଉଦ ଅ.ସଙ୍କ ଦ୍ୱାରା ପୁସ୍ତକରେ ପ୍ରଦତ୍ତ ପ୍ରମାଣ ସେହି ପୁସ୍ତକମାନଙ୍କର ପ୍ରକୃତ ମୂଳ ଉତ୍ସ ଏବଂ ଗ୍ରନ୍ଥମାନଙ୍କରୁ ଏବଂ ବେଦ ଉପନିଷେଦ ଆଦିରୁ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ପୁନରାବଲୋକନ କରିବା ସଙ୍ଗେ ସଙ୍ଗେ ଗୋଟିଏ ଗୋଟିଏ ଶବ୍ଦର ସଠିକ୍ ତଥା ଶୁଦ୍ଧ ଉଚ୍ଚାରଣ ଏବଂ ଅନୁବାଦରେ ଯେଉଁ ତାରତମ୍ୟ ପରିଲକ୍ଷିତ ହେଉଥିଲା ତାହାକୁ ଚିହ୍ନିତ କରୁଥିଲେ । ପ୍ରତ୍ୟେକ ପ୍ରସଙ୍ଗରେ ନିଜର ଗବେଷଣା ଓ ଅନ୍ୱେଷଣକୁ ଚୂଡ଼ାନ୍ତ ପର୍ଯ୍ୟାୟ ପର୍ଯ୍ୟନ୍ତ ପହଞ୍ଚାଇବା ତାଙ୍କର ଅନ୍ୟତମ ଲକ୍ଷଣ ଥିଲା । ଆର୍ଯ୍ୟ ଧର୍ମ ଓ ସତ୍‌ବଚନ ପୁସ୍ତକରେ ବର୍ଣ୍ଣିତ ପ୍ରମାଣର ଅନୁସନ୍ଧାନ ଏବଂ ଚେକିଂ ଅତ୍ୟନ୍ତ ପରିଶ୍ରମର ସହିତ ସେ କରିଥିଲେ । ସେ ଏହା କହୁଥିଲେ ଯେ, ହ. ମସିହ ମଉଦ ଅ.ସ ଏହି ପୁସ୍ତକକୁ ହିନ୍ଦୁ ଏବଂ ଶିଖ୍ ଧର୍ମାବଲମ୍ବୀ ପାଇଁ ସନନ୍ଦ ରୂପେ ଉପସ୍ଥାପିତ କରିଛନ୍ତି ଏବଂ ଉକ୍ତ ଦୁଇଟି ପୁସ୍ତକ ଏହି ଉଭୟ ଧର୍ମାବଲମ୍ବୀଙ୍କ ବିପକ୍ଷରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ୱାକ୍ଷର ବହନକାରୀ । ଏଣୁ ଅତ୍ୟନ୍ତ ସୂକ୍ଷ୍ମତାର ସହିତ ଏହାକୁ ଚେକ୍ କରିବାକୁ ହେବ ଏବଂ ହୱାଲାଗୁଡ଼ିକୁ (ପ୍ରମାଣ) ଠିକ୍ କରିବାକୁ ହେବ । ପ୍ରକାଶିତ ପବିତ୍ର କୁରଆନ୍‌ର ଆମ ପକ୍ଷରୁ **ମନ୍‌ଜୁର ଲିପିର** ସଫ୍ଟୱେୟାରର ପ୍ରସ୍ତୁତିରେ ତାଙ୍କର ଯୋଗଦାନ ଅତୁଳନୀୟ ଥିଲା । ବମ୍ବେର କମ୍ପାନୀରୁ ଉକ୍ତ ସଫ୍ଟୱେୟାର ପ୍ରସ୍ତୁତ କରାଯାଇଥିଲା ଏବଂ ତହିଁରେ ସେ କଠିନ ପରିଶ୍ରମ ଓ କାର୍ଯ୍ୟ କରିଥିଲେ । ସେ ଦିବାରାତ୍ର ଉକ୍ତ କାର୍ଯ୍ୟର ସଂଶୋଧନ, ତଦାରଖ ଏବଂ ସଠିକତା ପାଇଁ କାମ କରିଥିଲେ । ସେହିପରି ମନ୍‌ଜୁର ଲିପିରେ ସରଳ ପବିତ୍ର କୁରଆନ୍ କରୀମ୍ ତ' ପ୍ରକାଶିତ ହୋଇ ଯାଇଛି । ବର୍ତ୍ତମାନ ହ. ମୌଲବୀ ଶେର୍ ଅଲୀ ସାହେବଙ୍କ ଦ୍ୱାରା ସଂକଳିତ ପିବତ୍ର କୁରଆନ କରୀମ୍‌ର ଇଂରାଜୀ ଅନୁବାଦକୁ ପ୍ରସ୍ତୁତ କରିବା ଏବଂ ପ୍ରକାଶିତ କାର୍ଯ୍ୟରେ ସେ ବ୍ୟସ୍ତ ଥିଲେ । ପ୍ରୟାତଃ ଏହା ପ୍ରସ୍ତୁତ ଏବଂ ଖୁବ ଶୀଘ୍ର ଏହା ସମାପ୍ତ ହୋଇଯିବ, ତହିଁରେ ମଧ୍ୟ ସେ ଅକ୍ଳାନ୍ତ ପରିଶ୍ରମ କିରଛନ୍ତି । ସେହିପରି ହଜରତ ମୀର୍ ମୁହମ୍ମଦ ଇସ୍‌ହାକ୍ ସାହେବଙ୍କ ଦ୍ୱାରା ସମ୍ପାଦିତ ଅନୁବାଦର କେତେକ ସିପାରାର କାମ ମଧ୍ୟ ସେ ସାରି ଦେଇଥିଲେ । ପବିତ୍ର କୁରଆନ୍ କରୀମ୍‌ରେ ସେ ଅକ୍ଳାନ୍ତ ପରିଶ୍ରମ କରିଥିଲେ । ବିଶେଷ କରି ପ୍ରକାଶନରେ ସେ **ମନ୍‌ଜୁର୍ ଲିପିକୁ** ବ୍ୟବହାର କରିଥିଲେ । **ନଶ୍‌ରୋ ଇଶାଅତ୍** କାର୍ଯ୍ୟାଳୟର **ନାଜର୍ ସାହେବ** ଉଲ୍ଲେଖ କରନ୍ତି ଯେ, ସ୍ୱର୍ଗତ ଜଣେ ବିନୀତ ଶିକ୍ଷକ ଏବଂ ମାମୁଁ ଶ୍ୱଶୁର ମଧ୍ୟ ଥିଲେ । ଏହା ସତ୍ତ୍ୱେ ସେ ନାଏବ୍ ନାଜର ଭାବରେ ସର୍ବଦା ଅଜ୍ଞାବହତାର ମନୋଭାବ ରଖି ମୋ ପ୍ରତି ଅତ୍ୟନ୍ତ ବିନମ୍ରତା ଓ ବିନୀତତାର ସହିତ କଥାବାର୍ତ୍ତା କରୁଥିଲେ । ସେ ମୋ ଆଗାରେ କେବେ ଏହା ପ୍ରକାଶ କରି ନାହାନ୍ତି ଯେ, ମୁଁ ତୁମର ଶିକ୍ଷକ ଅଟେ, କିମ୍ବା ସଂପର୍କରେ ମୁଁ ତୁମ ଠାରୁ ବଡ଼ ଅଟେ । ତାଙ୍କର ଛାତ୍ରମାନେ ଉଲ୍ଲେଖ କରନ୍ତି ଯେ, ସେ ଶ୍ରେଣୀରେ ଥିବା ନିଜ ଛାତ୍ରମାନଙ୍କୁ ନିଜର ଛାତ୍ର ଜୀବନ ସଂପର୍କରେ କଥା କହୁଥିଲେ ଯେ, ଛାତ୍ର ଜୀବନରେ ସେ କେବେ ଛୁଟି ନେଇ ନାହାନ୍ତି କି ଶିକ୍ଷକତାରେ ମଧ୍ୟ ସେ ଜାମିୟାରୁ କେବେ ଛୁଟି ନେଇ ନାହାନ୍ତି । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ।

ପରବର୍ତ୍ତୀ ଯନାଜଃ ହେଉଛି ସୟେଦ ବଶୀରୁଦ୍ଦୀନ ସାହେବ ମୁବଲ୍ଲିଗ୍ ସିଲସିଲାଙ୍କର । ସେ ମଧ୍ୟ କାଦିୟାନର ଅଧିବାସୀ ଅଟନ୍ତି । ଅଲ୍ଲାଃତାଲାଙ୍କ ଲିଖିତ ବିଧାନ ଅନୁଯାୟୀ ୮୩ ବର୍ଷ ବୟସରେ ସ୍ୱର୍ଗତଙ୍କର ବିୟୋଗ ହୋଇଥିଲା । **ଇନ୍ନା ଲିଲ୍ଲାଃହି ଓ ଇନ୍ନା ଇଲୈହି ରାଜିଉନ୍** । ସେ ହ. ମସିହ ମଉଦ ଅ.ସଙ୍କ ସାହାବି ସୟେଦ୍ ସଇଦୁଦ୍ଦୀନ୍ ସାହେବ ର.ଅଙ୍କ ପୌତ୍ର

ଥିଲେ । ସେ ଅତ୍ୟନ୍ତ ଉପସନାକାରୀ ଏବଂ ତେହଜ୍ଜୁଦ୍ ପାଠକାରୀ ବ୍ୟକ୍ତି ଥିଲେ । ସେ ଦୁଆକାରୀ ମଧ୍ୟ ଥିଲେ ଏବଂ ଅତ୍ୟନ୍ତ ସରଳ ସ୍ୱଭାବୀୟ ବ୍ୟକ୍ତି ଥିଲେ । ସ୍ୱର୍ଗତ ୱସିୟତ୍ ମଧ୍ୟ କରିଥିଲେ । ମୃତକଙ୍କ ପରିଜନମାନଙ୍କ ମଧ୍ୟରେ ତିନିଜଣ ପୁତ୍ର ରହିଛନ୍ତି । ଏହି ସମସ୍ତ ପୁତ୍ରମାନେ ସଦର୍ ଅଞ୍ଜୁମନ୍‌ର କାର୍ଯ୍ୟାଳୟରେ କର୍ମରତ ଅଟନ୍ତି ।

ପରବର୍ତ୍ତୀ ଯନାଯାଃ ହେଉଛି କ୍ୱାଦିୟାନର ବଶାରତ୍ ଅହେମଦ ହୈଦର୍ ସାହେବ ୱକ୍‌ଫେ ଜିନ୍ଦେଗୀଙ୍କର । ସେ ସ୍ୱର୍ଗତ ଫୈଜ୍ ଅହେମଦ ଶାନାଙ୍କର ପୌତ୍ର ଥିଲେ । ୭୧ ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଥିଲା । **ଇନ୍ନା ଲିଲ୍ଲାଃହି ୱ ଇନ୍ନା ଇଲୈହି ରାଜିଉନ୍** । ସ୍ୱର୍ଗତ ବଶାରତ୍ ସାହେବ ସ୍ୱର୍ଗତ ହ. ଅବ୍‌ଦୁଲ କରୀମ୍ ସାହେବ ଯିଏ ହ. ମସିହ ମଉଦ ଅ.ସଙ୍କ ନିଦର୍ଶନ; କୁକୁର କାମୁଡ଼ାରୁ ରକ୍ଷା ପାଇଥିବା ସାହାବିଙ୍କ ପୌତ୍ର ଥିଲେ ଏବଂ ସେ ନିଜ ଜୀବନକୁ ଉତ୍ସର୍ଗ କରି କର୍ଣ୍ଣାଟକରୁ କାଦିୟାନ୍‌କୁ ଆସିଥିଲେ ଏବଂ ପୁନଶ୍ଚ ମାଦ୍ରାସା ଅହେମଦିୟାରେ ଶିକ୍ଷା ପ୍ରାପ୍ତ କରିବା ପରେ ବଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟ କରିଥିଲେ । ସେହିପରି ସେ **ରିଶ୍‌ତା ନାତା** ବିଭାଗର ବିଭାଗୀୟ ମୁଖ୍ୟ ରୂପେ ନିଯୁକ୍ତ ହୋଇଥିଲେ । ସେ ଏହି ବିଭାଗରେ ୪୬ ବର୍ଷ ପର୍ଯ୍ୟନ୍ତ ସିଲସିଲାର ସେବା କରିଥିଲେ । ସ୍ୱଳ୍ପ ବେତନ ଓ ସମ୍ବଳ ସତ୍ତ୍ୱେ ଅତ୍ୟନ୍ତ ସରଳ ତଥା ଧଳା ବସ୍ତ୍ର ପରିଧାନ କରି ଏବଂ ସରଳ ଜୀବନ ଯାପନ କରିଥିଲେ । ସେ ଉତ୍ତମ ଚରିତ୍ରବତ୍ତା, ସଭ୍ୟ ଓ ଶିକ୍ଷିତ ବ୍ୟକ୍ତି ଥିଲେ । ସ୍ୱର୍ଗତ ବେଶାରତ୍ ସାହେବ ୱସିୟତ୍ ମଧ୍ୟ କରିଥିଲେ । ସ୍ୱର୍ଗତଙ୍କ ପତ୍ନୀଙ୍କ ବ୍ୟତୀତ ତିନି ଜଣ ପୁତ୍ରୀ ଅଛନ୍ତି । ସେହି ତିନି ଝିଅଙ୍କୁ ସେ ସୁଶିକ୍ଷା ତଥା ଉଚ୍ଚଶିକ୍ଷା ମଧ୍ୟ ପ୍ରଦାନ କରିଥିଲେ ଏବଂ ପୁନଶ୍ଚ ୱକ୍‌ଫେ ଜିନ୍ଦେଗୀ (ଉତ୍ସର୍ଗୀକୃତ ଜୀବନ)ଙ୍କ ସହିତ ବିବାହ ଦେଇଥିଲେ।

ଉପରୋକ୍ତ ମୃତକମାନଙ୍କ ବ୍ୟତୀତ ହଜୁର ଅନୱର ଅ.ବ ନିମ୍ନଲିଖିତ ମୃତମାନଙ୍କର ଶୁଭଚର୍ଚ୍ଚା କଲେ ଏବଂ ନମାଜ଼ ଯନାଜଃ ଗାଏବ ପଢାଇବାର ଘୋଷଣା ମଧ୍ୟ କଲେ । ଅତଏବ ସେହି ମୃତକମାନେ ହେଲେ :- ପେଶାୱର ଜିଲ୍ଲାର ଅମୀର୍ ସମ୍ମାନନୀୟ ଡ଼ାକ୍ତର ମୁହମ୍ମଦ ଅଲୀ ଖାନ୍ ସାହେବ, ରବ୍‌ୱାର ସମ୍ମାନନୀୟ ମୁହମ୍ମଦ ରଫି ଖାନ୍ ଶେହଜ଼ାଦାହ୍ ସାହେବ, ଅଷ୍ଟ୍ରେଲିୟାର ସମ୍ମାନନୀୟ ଅୟାଜ଼୍ ୟୁନୁସ୍ ସାହେବ, ସମ୍ମାନନୀୟ ମିଆଁ ତାହେର ସାହେବ ଇବ୍‌ନ୍ ମିଆଁ କୁର୍ବାନ ହୁସୈନ୍ ସାହେବ । ସେ ରବ୍‌ୱା ଅନ୍ତର୍ଗତ ୱାକାଲତେ ମାଲ ବିଭାଗର ଜଣେ ପୂର୍ବତନ କର୍ମଚାରୀ ଥିଲେ । ପରବର୍ତ୍ତୀ ଯନାଜାଃ ହେଉଛି ୟୁ.କେର ସମ୍ମାନନୀୟ ରଫିକ୍ ଆଫ୍‌ତାବ୍ ସାହେବ, ସମ୍ମାନନୀୟା ଜରିନା ଅଖ୍‌ତର୍ ସାହେବ, ସମ୍ମାନନୀୟ ହାଫିଜ୍ ମୁହମ୍ମଦ ଅକ୍ରମ୍ ସାହେବ, ସମ୍ମାନନୀୟ ଚୌଧୁରୀ ନୁର୍ ମୁହମ୍ମଦ ସାହେବ, ସମ୍ମାନନୀୟ ମେହମୁଦ ମିନ୍‌ହାସ୍ ସାହେବଙ୍କର । ଅଲ୍ଲାଃତାଲା ଉପରୋକ୍ତ ସମସ୍ତ ମୃତକମାନଙ୍କର ବୈକୁଣ୍ଠରେ ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ସେମାନଙ୍କ ପ୍ରତି ସଦୟ ହୁଅନ୍ତୁ । ଆମିନ୍ ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଇଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜ଼ିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜ଼କ୍ କରୁନା ଉୟକୁରୁଲ୍ଲାହ୍ ୟଜ଼୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜ଼ିକ୍‌ରୁଲ୍ଲାହି ଅକ୍‌ବର୍।**

.....................................

KHULASA KHUTBA JUMA HUZOOR ANWAR a.b.a
30th April. 2021